www.thekhabara.com ସାଧାରଣ ଲୋକଙ୍କ ସ୍ୱର

ଖବର

KHABARA

# ଓଡ଼ିଶା ସିମ୍ପୋଜିୟମରେ ପୁଞ୍ଜିନିବେଶକୁ ଗୁରୁତ୍ୱ

ଭୁବନେଶ୍ୱର: ଇନଭେଷ୍ଟ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଓଡ଼ିଶା ସିମ୍ପୋଜିୟମକୁ ଶନିବାର ଉଦଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାରେ ପୁଞ୍ଜିନିବେଶର ଅଶେଷ ସୁଯୋଗ ରହିଛି ବୋଲି କହିଛନ୍ତି। ଏହାଛଡା ଓଡ଼ିଶା ସିମ୍ପୋଜିୟମର ଆୟୋଜକମାନେ ଓଡିଶା ତଥା ରାଜଧାନୀ ଭୁବନେଶ୍ୱରକୁ ପୁଞ୍ଜିନିବେଶର ଏକ ଉପଯୁକ୍ତ ସ୍ଥଳ ଏବଂ ଜ୍ଞାନର କେନ୍ଦ୍ର ଭାବେ ଉପସ୍ଥାପନ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି। ଉତ୍ସବରେ ଅଭିଭାଷଣ ଦେଇ ସେ ଆହୁରି ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ଦେଶର ତିନିଟି ଅଗ୍ରଣୀ ପୁଞ୍ଜିନିବେଶକୁ ଆକୃଷ୍ଟ କରୁଥିବା ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇଛି। ରାଜ୍ୟରେ ଆଇଟି, କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ହୋଟେଲ, ପର୍ଯ୍ୟଟନ ଆଦି କ୍ଷେତ୍ରରେ ବିପୁଳ ସୁଯୋଗ ଏବଂ ସମ୍ଭାବନା ରହିଛି। ଏହାଛଡା ଇସ୍ପାତ୍ ଓ ଆଲୁମିନିୟମ ଶିଳ୍ପରେ ପୁଞ୍ଜିନିବେଶ ସୁଯୋଗ ମଧ୍ୟ ରହିଛି। ଏମ୍‌ଏସଏମ୍‌ଇ କ୍ଷେତ୍ରରେ ମଧ୍ୟ ପୁଞ୍ଜିନିବେଶ କରାଯାଇପାରିବ। ଅଭିବୃଦ୍ଧିର ସୁଯୋଗ ସମସ୍ତେ ପାଇବା ଉଚିତ ନଚେତ ଅଭିବୃଦ୍ଧିର କୌଣସି ମୂଲ୍ୟ ରହିବ ନାହିଁ। ଏବେ ସବୁ ସ୍ତରରେ ଆଭ୍ୟନ୍ତରିଣ ଅଭିବୃଦ୍ଧି ପାଇଁ ଚେଷ୍ଟା ଚାଲିଛି। ଖାଦ୍ୟ ନିରାପତ୍ତା, ନିଯୁକ୍ତି, ସ୍ୱାସ୍ଥ୍ୟସେବା, ପରିବେଶ ସୁରକ୍ଷା ଆଦି କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଉପସ୍ଥିତ ସମସ୍ତ ଉଦ୍ୟୋଗୀ ଏବଂ ପୁଞ୍ଜିନିବେଶକ ପୁଞ୍ଜିନିବେଶକୁ ବିବିଧକରଣ କରିବା ଉଚିତ। ଏହାଛଡା ଓଡ଼ିଶାର ଗ୍ରାମାଞ୍ଚଳରେ ପୁଞ୍ଜିନିବେଶ ପ୍ରତି ସେମାନେ ଦୃଷ୍ଟି ଦେବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଉତ୍ସବରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଏବଂ ଉଚ୍ଚଶିକ୍ଷା ଓ ପର୍ଯ୍ୟଟନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ମଧ୍ୟ ଯୋଗଦେଇ ଓଡ଼ିଶାରେ ସଞ୍ଚିତ ବିପୁଳ ପ୍ରାକୃତିକ ସମ୍ପଦ, ସୁଦୀର୍ଘ ବେଳାଭୂମି ତଥା ଅନ୍ୟ ପର୍ଯ୍ୟଟନ କ୍ଷେତ୍ରମାନଙ୍କରେ ପୁଞ୍ଜିନିବେଶ କରିବା ପାଇଁ ନିବେଶକଙ୍କୁ କହିଥିଲେ। ଏହାଛଡା ଅନ୍ୟ ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ଇସ୍ରାଏଲର ଏକନ ଇନ୍‌କର ସିଇଓ ଏଲି କୋହେନ କହିଥିଲେ ଯେ ଭାରତ ଓ ଓଡ଼ିଶାର ପରମ୍ପରାରେ ଜ୍ଞାନ ଏବଂ ପ୍ରଯୁକ୍ତି ଭରି ରହିଛି। ବର୍ତ୍ତମାନ ପ୍ରଯୁକ୍ତି ବିପ୍ଳବର ଯୁଗ ଚାଲିଥିବା ବେଳେ ପ୍ରାକୃତିକ ସମ୍ପଦକୁ ନେଇ ଅଭିବୃଦ୍ଧି ହାସଲ କରିହେବ। ସେ ଆହୁରି ମଧ୍ୟ କହିଥିଲେ ଯେ ଯେକୌଣସି କ୍ଷେତ୍ରରେ ସଫଳତା ହାସଲ ପାଇଁ ଉପଯୁକ୍ତ ନେତୃତ୍ୱର ଆବଶ୍ୟକତା ରହିଛି।

ରାଜ୍ୟର ମୁଖ୍ୟ ଶାସନ ସଚୀବ ବିଜୟ କୁମାର ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଥିଲେ ଯେ ବିଶ୍ୱ ବ୍ୟାଙ୍କ ରିପୋର୍ଟ ଅନୁସାରେ ଓଡିଶା ତଥା ଭୁବନେଶ୍ୱର ବ୍ୟବସାୟ ଓ ପୁଞ୍ଜିନିବେଶ କ୍ଷେତ୍ରରେ ଭାରତରେ ତୃତୀୟ ସ୍ଥାନରେ ରହିଛି। ଏହା ସହିତ ୬ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ମଧ୍ୟ ଆକୃଷ୍ଟ କରିପାରିଛି। ଓଡ଼ିଶାର ସମ୍ପଦରାଜିର ସୁବିଧା ଉଠେଇବା ପାଇଁ ଶିଳ୍ପ ବିଭାଗ ଶାସନସଚୀବ ଟି ରାମଚନ୍ଦ୍ର କହିଥିଲେ। ରିଲାଏନ୍ସ ଏନର୍ଜିର ବରିଷ୍ଠ ଉପସଭାପତି ପଦ୍ମଶ୍ରୀ ରବିନାରାୟଣ ବସ୍ତିଆ ହାଇଡ୍ରୋକାର୍ବନ କ୍ଷେତ୍ରରେ ଥିବା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ଇନଭେଷ୍ଟ ଭୁବନେଶ୍ୱରର ସହ ଆବାହକ ଧନଦା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ତାଇୱାନ, ସ୍ପେନ, ଇସ୍ରାଏଲ, ଜାପାନ, ବ୍ରିଟେନ, ଆମେରିକା ଆଦି ରାଷ୍ଟ୍ରର ପ୍ରତିନିଧିମାନେ ଯୋଗ ଦେଇଛନ୍ତି।

Publication:Khabara
Headline:Chief Minister Navin Pattanaik inaugurate 'Invest Bhubaneswar-Odisha Symposium
Date:19.12.10
Page:12